# NATIONAL NEWS BULLETIN (ODIA)

## 17 January-2025

### Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଜାତୀୟ କ୍ରୀଡ଼ା ପୁରସ୍କାର ୨୦୨୪ ଆଜି ପ୍ରଦାନ କରିବେ ରାଷ୍ଟ୍ରପତି ।

- ପ୍ରଧାନମନ୍ତ୍ରୀ ଆଜି ନୂଆଦିଲ୍ଲୀରେ ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫ର କରିବେ ଉଦ୍‌ଘାଟନ ।

- ଚଳିତ ବର୍ଷ ଗଣତନ୍ତ୍ର ଦିବସ ଜାତୀୟ ପ୍ୟାରେଡ୍ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେବେ ଇଣ୍ଡୋନେସିଆର ରାଷ୍ଟ୍ରପତି ।

- ଦୁଇଦିନିଆ ଓଡ଼ିଶା ଗସ୍ତରେ ଆଜିଠାରୁ ଆସୁଛନ୍ତି ସିଙ୍ଗାପୁର ରାଷ୍ଟ୍ରପତି ।

ଏବଂ

- ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ବିଭିନ୍ନ ବର୍ଗର କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଆଜି ଖେଳିବେ ଭାରତୀୟ ଖେଳାଳି ।

# ପ୍ରେଜ୍-ସ୍ପୋର୍ଟସ୍ ଆୱାର୍ଡସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଜାତୀୟ କ୍ରୀଡ଼ା ପୁରସ୍କାର ୨୦୨୪ ପ୍ରଦାନ କରିବେ । ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଶ୍ରୀମତୀ ମୁର୍ମୁ ବିଭିନ୍ନ କ୍ରୀଡ଼ାରେ ଉତ୍କର୍ଷ ପ୍ରତିପାଦନ କରିଥିବା ୪ ଜଣ ଖେଳାଳିଙ୍କୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଏବଂ ୩୨ ଜଣ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରିବେ । ବିଶ୍ୱ ଚେସ୍ ଚାମ୍ପିୟନ୍ ଡି. ଗୁକେଶ, ପ୍ୟାରିସ୍ ଅଲିମ୍ପିକ୍ସର ଦୁଇଟି ପଦକ ବିଜେତା ମନୁ ଭାକର୍, ଭାରତୀୟ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ ସିଂହ ଏବଂ ପ୍ୟାରିସ୍ ପାରା ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତା ପ୍ରବୀଣ କୁମାର ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇବେ । ସେହିଭଳି ଅଭିଜ୍ଞ ଆଥଲେଟ୍ ସୁଚା ସିଂହ ଏବଂ ପାରା ସନ୍ତରଣକାରୀ ମୁରଲୀକାନ୍ତ ପେଟରଙ୍କୁ ଜୀବନବ୍ୟାପି  ସାଧନା ପାଇଁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯିବ । ପାରାସୁଟିଂ କୋଚ୍ ସୁଭାଷ ରାଣା ଏବଂ ସୁଟିଂ ପ୍ରଶିକ୍ଷକ ଦୀପାଲି ଦେଶପାଣ୍ଡେ, ହକି ପ୍ରଶିକ୍ଷକ ସନ୍ଦୀପ ସାଙ୍ଗୱାନ୍, ବ୍ୟାଡ୍‌ମିଣ୍ଟନ୍ ପ୍ରଶିକ୍ଷକ ଏସ୍. ମୁରଲୀଧରନ୍ ଏବଂ ଫୁଟବଲ୍ କୋଚ୍ ଆର୍‌ମାଣ୍ଡୋ ଆଗ୍ନେଲୋ କୋଲାକୋଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯିବ ।

# ପିଏମ୍-ଭାରତ ଗ୍ଲୋବାଲ୍ ଏକ୍ସପୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀ ଠାରେ ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫ର ଉଦ୍‌ଘାଟନ କରିବେ । ଏହା ହେଉଛି ଭାରତର ସର୍ବବୃହତ ମୋବିଲିଟି ଏକ୍ସପୋ । ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ଏକ୍ସପୋ ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଏବଂ ଜଶଭୂମି ତଥା ଗ୍ରେଟର ନୋଇଡାର ଇଣ୍ଡିଆ ଏକ୍ସପୋ ଆଣ୍ଡ ମାର୍ଟ୍‌ରେ ଆୟୋଜିତ ହେବ । ଏହି ଏକ୍ସପୋରେ ୯ଟି କାର୍ଯ୍ୟକ୍ରମ ଓ ୨୦ଟିରୁ ଅଧିକ ସମ୍ମିଳନୀ ଆୟୋଜିତ ହେବା ସହିତ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି ।  ଶିଳ୍ପ ଏବଂ ଆଞ୍ଚଳିକ ସ୍ତରରେ ସହଯୋଗକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ଏହି ଅବସରରେ ବିଭିନ୍ନ ଅଧିବେଶନର ଆୟୋଜନ କରାଯାଇଛି । ଚଳିତ ଏହି ସମ୍ମିଳନୀରେ  ବିଶ୍ୱର ବିଭିନ୍ନ ପ୍ରନ୍ତରୁ ୫ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ତଥା ବିଶେଷଜ୍ଞ ଅଂଶଗ୍ରହଣ କରୁଛନ୍ତି । ଏକ ଶିଳ୍ପ ନେତୃତ୍ୱାଧୀନ ତଥା ସରକାରୀ ସମର୍ଥିତ ପଦକ୍ଷେପ ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ତଥା ସହଭାଗୀ ସଂଗଠନର ମିଳିତ ସହଯୋଗରେ ଭାରତୀୟ ଇଞ୍ଜିନିୟରିଂ ରପ୍ତାନୀ ପ୍ରୋତ୍ସାହନ ପରିଷଦ ଦ୍ୱାରା ଏହା ଆୟୋଜିତ ହୋଇଛି ।

# ରିପବ୍ଲିକ୍ ଡେ-ଚିଫ୍ ଗେଷ୍ଟ

ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରାବୋଓ୍ୱ ସୁବିୟାନ୍ତୋ ଚଳିତ ବର୍ଷ ୭୬ତମ ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ନିମନ୍ତ୍ରଣ ରକ୍ଷା କରି ରାଷ୍ଟ୍ରପତି ସୁବିୟାନ୍ତୋ ଆସନ୍ତା ୨୫ ଓ ୨୬ ତାରିଖ ଦୁଇ ଦିନ ଭାରତ ଗସ୍ତରେ ଆସିବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଗତବର୍ଷ ଅକ୍ଟୋବର ମାସରେ ଇଣ୍ଡୋନେସିଆର ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ଶ୍ରୀ ସୁବିୟାନ୍ତୋଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ଏହି ଗସ୍ତ ଅବସରରେ ଦୁଇ ଦେଶର ନେତୃବୃନ୍ଦ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରହିଥିବା ଦ୍ୱିପକ୍ଷିୟ ସମ୍ପର୍କର ସମନ୍ୱିତ ସମୀକ୍ଷା କରିବା ସହିତ ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏକ ସମନ୍ୱିତ ରଣନୈତିକ ଭାଗିଦାରୀ ଭାବେ ଇଣ୍ଡୋନେସିଆ ଭାରତର ଆକ୍ଟ ଇଷ୍ଟ ପଲିସି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ସାମଗ୍ରୀକ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଭିପି-ଲାକ୍ଷାଦ୍ୱୀପ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜିଠାରୁ ତିନି ଦିନିଆ ଲାକ୍ଷାଦ୍ୱୀପ ଗସ୍ତ କରିବେ । ଉପରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ଏହା ହେଉଛି ଶ୍ରୀ ଧନଖଡ଼ଙ୍କର ଏହି କେନ୍ଦ୍ର ଶାସିତ ଅଞ୍ଚଳକୁ ପ୍ରଥମ ଗସ୍ତ । ଏହି ଗସ୍ତ ଅବସରରେ ଶ୍ରୀ ଧନଖଡ଼ କେତେକ ଜନକଲ୍ୟାଣକାରୀ ପ୍ରକଳ୍ପର ଲୋକାର୍ପଣ କରିବା ସହିତ ଅନ୍ୟ କେତେକ ସାଧାରଣ ସମାରୋହରେ ଅଂଶଗ୍ରହଣ କରିବେ । ଏତଦ୍‌ବ୍ୟତୀତ ଉପରାଷ୍ଟ୍ରପତି ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ ତଥା ହିତାଧିକାରୀଙ୍କ ସହିତ ମଧ୍ୟ ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି ।

## ପିଏମ୍-ସମ୍ପତ୍ତିକାର୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ୧୦ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୨୩୦ଟି ଜିଲ୍ଲା ଅନ୍ତର୍ଗତ  ୫୦ ହଜାରରୁ ଅଧିକ ଗ୍ରାମର ସମ୍ପତ୍ତି ମାଲିକଙ୍କୁ ୬୫ ଲକ୍ଷରୁ ଅଧିକ ସମ୍ପତ୍ତି କାର୍ଡ ବଣ୍ଟନ କରିବେ । ଶ୍ରୀ ମୋଦୀ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ସ୍ୱାମୀତ୍ୱ ଯୋଜନା ଅଧୀନରେ ସମ୍ପୃକ୍ତ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରିବେ । ଗ୍ରାମୀଣ ଭାରତର ଅର୍ଥନୈତିକ ପ୍ରଗତିକୁ ଆଗକୁ ନେବା ଲକ୍ଷ୍ୟରେ  ପ୍ରଧାନମନ୍ତ୍ରୀ ଏହି ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କରିଥିଲେ । ଅତ୍ୟାଧୁନିକ ଡ୍ରୋନ୍

ଜ୍ଞାନକୌଶଳ ମାଧ୍ୟମରେ ଗ୍ରାମଗୁଡ଼ିକର ଜନବସତି ଅଞ୍ଚଳରେ ଘର ଥିବା ପରିବାର ଗୁଡ଼ିକୁ ଏହି ଯୋଜନା ଅଧୀନରେ ରେକର୍ଡ ଅଫ୍ ରାଇଟସ୍ ପ୍ରଦାନ କରାଯାଇଥାଏ । ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୧୭ ହଜାରରୁ ଅଧିକ ଗ୍ରାମରେ ଡ୍ରୋନ୍ ସର୍ଭେ ଶେଷ ହୋଇଛି, ଯେଉଁଥିରେ କି ୯୨ ପ୍ରତିଶତ ଧାର୍ଯ୍ୟ ଲକ୍ଷ୍ୟ ଥିବା ଗ୍ରାମ ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ସେହିଭଳି ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାମ ଲାଗି ୨ କୋଟି ୨୫ ଲକ୍ଷ ସମ୍ପତ୍ତି କାର୍ଡ ପ୍ରସ୍ତୁତ କରାଯାଇଛି । ପୁଡୁଚେରୀ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ତ୍ରିପୁରା, ଗୋଆ, ଉତ୍ତରାଖଣ୍ଡ ଓ ହରିଆଣାରେ ଏହି ଯୋଜନା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇସାରିଛି । ତେବେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ଛତିଶଗଡ଼ ସମେତ ଅନ୍ୟ କେନ୍ଦ୍ର ଶାସିତ ଅଞ୍ଚଳରେ ଡ୍ରୋନ୍ ସର୍ଭେ ଶେଷ ହୋଇଥିବା ଜଣାପଡ଼ିଛି ।

## ସିଙ୍ଗାପୁର ପ୍ରେସିଡେଣ୍ଟ ଭିଜିଟ୍

ସିଙ୍ଗାପୁର ରାଷ୍ଟ୍ରପତି ଥର୍ମାନ୍ ସାନ୍-ମୁଗା-ରତ୍ନମ୍ ତାଙ୍କର ଭାରତ ଗସ୍ତ ଅବସରରେ ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନ ଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଭାରତ-ସିଙ୍ଗାପୁର ମଧ୍ୟରେ ସମନ୍ୱିତ ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଦୁଇପକ୍ଷ ଆଲୋଚନା

କରିଛନ୍ତି । ଏହି ଆଲୋଚନାକାଳରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏବଂ ରାଷ୍ଟ୍ରପତି ଶ୍ରୀ ସାନ୍ ମୁଗା ରତ୍ନମ୍ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ୬୦ତମ ବାର୍ଷିକୀ ପୂର୍ତ୍ତି ଅବସରରେ ଏକ ମିଳିତ ଲୋଗୋ ଉନ୍ମୋଚନ କରିଛନ୍ତି । ଏହି ମିଳିତ ଲୋଗୋରେ ଭାରତ ଓ ସିଙ୍ଗାପୁରର ଜାତୀୟ ପତାକା, ଜାତୀୟ ପୁଷ୍ପର ରଙ୍ଗ ସ୍ଥାନ ପାଇଛି । ଏହି ଲୋଗୋ ଦୁଇ ଦେଶ ମଧ୍ୟରେ ଥିବା ଆପୋଷ ବିଶ୍ୱାସ ଓ ବନ୍ଧୁତ୍ୱର ପ୍ରତୀକ ଅଟେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଗତକାଲି ସିଙ୍ଗାପୁର ରାଷ୍ଟ୍ରପତିଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସିଙ୍ଗାପୁରର ରାଷ୍ଟ୍ରପତି ଦାୟିତ୍ୱ ନେବା ପରଠାରୁ ଏହା ହେଉଛି ଶ୍ରୀ ସାନ୍ ମୁଗା ରତ୍ନମଙ୍କର ପ୍ରଥମ ଭାରତ ଗସ୍ତ । ତାଙ୍କର ଏହି ୫ ଦିନିଆ ଭାରତ ଗସ୍ତ ଅବସରରେ ଆଜି ସିଙ୍ଗାପୁର ରାଷ୍ଟ୍ରପତି ଦୁଇ ଦିନ ଲାଗି ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି ।

## ଦିଲ୍ଲୀ-ଇଲେକ୍‌ସନ୍

ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଆଜି ହେଉଛି ନାମାଙ୍କନପତ୍ର ଦାଖଲ କରିବାର ଶେଷ ଦିବସ । ଗତକାଲି ସୁଦ୍ଧା ମୋଟ୍ ୮୪୧ ଜଣ ପ୍ରାର୍ଥୀ ଏହି ନିର୍ବାଚନ ଲାଗି ନିଜର ମନୋନୟନପତ୍ର ଦାଖଲ କରିଛନ୍ତି । ଚଳିତ ମାସ ୧୦ ତାରିଖରୁ ଏହି ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଆସନ୍ତା ସୋମବାର ହେଉଛି ଏହାର ପ୍ରତ୍ୟାହାରର ଶେଷ

ଦିବସ । ଆସନ୍ତାମାସ ୫ ତାରିଖ ଦିନ ୭୦ଟି ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ଲାଗି ଏକକ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ଫେବୃୟାରୀ ୮ ତାରିଖ ଦିନ ଭୋଟ୍ ଗଣତି କରାଯିବ ।

ଇତିମଧ୍ୟରେ ବିଜେପି ମୋଟ୍ ୭୦ଟି ଆସନ ମଧ୍ୟରୁ ୬୮ଟି ଆସନରେ ପ୍ରତିଦ୍ୱନ୍ଦ୍ୱୀତା କରିବା ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛି । ତେବେ ବୁରାଇ ବିଧାନସଭା ଆସନଟି ଏନ୍.ଡି.ଏ.ର ସହଯୋଗୀ ଦଳ' ଜନତାଦଳ ସଂଯୁକ୍ତ ଏବଂ ଦେଓଲି ଆସନରେ ଲୋକ ଜନଶକ୍ତି ପାର୍ଟି-ରାମବିଳାଶ ପ୍ରାର୍ଥୀ ଦେବ ବୋଲି ବିଜେପିର ଜାତୀୟ ସାଧାରଣ ସମ୍ପାଦକ ଅରୁଣ ସିଂହ ଗତକାଲି ଗଣମାଧ୍ୟମକୁ କହିଛନ୍ତି ।

# ପିଏମ୍-ପେ କମିଶନ୍

ଅଷ୍ଟମ ବେତନ କମିଶନ୍ ଗଠନ ନିଷ୍ପତ୍ତି ଦ୍ୱାରା ଜୀବନଶୈଳୀର ମାନ ଉନ୍ନତ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଗତକାଲି ଅଷ୍ଟମ ବେତନ କମିଶନ୍ ଗଠନକୁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିବା ପରିପ୍ରେକ୍ଷୀରେ ନିଜ ପ୍ରତିକ୍ରିୟାରେ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ ଏହା କହିଛନ୍ତି । ଏକ ବିକଶିତ ଭାରତ ଗଠନ

ଦିଗରେ ସମସ୍ତ ସରକାରୀ କର୍ମଚାରୀଙ୍କ ପ୍ରଚେଷ୍ଟାକୁ ପ୍ରଧାନମନ୍ତ୍ରୀ ଏହି ପୋଷ୍ଟ ମାଧ୍ୟମରେ ପ୍ରଶଂସା କରିଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ ସପ୍ତମ ବେତନ କମିଶନ୍‌ଙ୍କ କାର୍ଯ୍ୟକାଳ ଆସନ୍ତାବର୍ଷ ଶେଷ ହେଉଥିବା ଦୃଷ୍ଟିରୁ କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଛନ୍ତି । ଅଷ୍ଟମ ବେତନ କମିଶନ୍‌ଙ୍କ ଅଧ୍ୟକ୍ଷ ଓ ସଦସ୍ୟଙ୍କ ନାମ ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତକାଲି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ କହିଛନ୍ତି ।

## ନିଟ୍

ଏମ୍.ବି.ବି.ଏସ୍. ପାଠ୍ୟକ୍ରମ ଲାଗି ଉଦ୍ଦିଷ୍ଟ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା – ନିଟ୍ ଚଳିତ ବର୍ଷ ଗୋଟିଏ ଦିନରେ ଏକକ ସିଫ୍ଟରେ ଅନୁଷ୍ଠିତ ହେବ । ଦେଶର ସମସ୍ତ ମେଡିକାଲ୍ କଲେଜ୍ ଲାଗି ଏହି ସ୍ନାତକ ପାଠ୍ୟକ୍ରମରେ ନାମ ଲେଖା ନିମନ୍ତେ ଜାତୀୟ ପରୀକ୍ଷଣ ସଂସ୍ଥା ଏ.ଟି.ଏ. ପକ୍ଷରୁ ନିଟ୍ ପରିଚାଳିତ ହୋଇଆସୁଛି ।

# ବ୍ୟାଡ୍‌ମିଣ୍ଟନ୍

ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ବର୍ଗରେ ଭାରତର ପି.ଭି. ସିନ୍ଧୁ ଆଜି କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ଇଣ୍ଡୋନେସିଆର ଗ୍ରିଗୋରିଆ ମାରିସ୍କା ତୁନ୍‌ଜଙ୍ଗଙ୍କୁ ଭେଟିବେ । ସେହିଭଳି ଆଜି ନୂଆଦିଲ୍ଲୀ ସ୍ଥିତ କେ.ଡି. ଯାଦବ ଇଣ୍ଡୋର ଷ୍ଟାଡିୟମ୍ ଠାରେ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ୍‌ରେ ଭାରତର କୀରନ୍ ଜର୍ଜ୍ ଓ ଚୀନ୍‌ର ୱେଙ୍ଗ୍ ହଙ୍ଗ୍ ୟାଙ୍ଗ୍‌ଙ୍କ ମଧ୍ୟରେ ମୁକାବିଲା ହେବ । ଏହାଛଡ଼ା ଭାରତୀୟ ଯୋଡ଼ି ଚିରାଗ୍ ସେଟ୍ଟୀ ଓ ସାତ୍ୱୀକ ସାଇରାଜ ରାଙ୍କି ରେଡ୍ଡୀ ମଧ୍ୟ ଆଜି ଦକ୍ଷିଣ କୋରିଆର ଜିନ୍ ୟଙ୍ଗ୍ ଓ କାନ୍ ମିନ୍ ହ୍ୟୁକ୍‌ଙ୍କ ଯୋଡ଼ିଙ୍କୁ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ଭେଟିବେ ।

# ହକି

ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗ ପ୍ରଥମ ସଂସ୍କରଣରେ ଗତକାଲି ରାଞ୍ଚିର ଜୟପାଲ୍ ସିଂହ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୱାରିୟର୍ସ୍ ସୁଟ୍‌ଆଉଟ୍ ଗୋଲ୍‌ରେ ବେଙ୍ଗଲ୍ ଟାଇଗର୍ସ୍‌କୁ ପରାସ୍ତ କରିଛି । ଏଥିସହ ଓଡ଼ିଶା ୱାରିୟର୍ସ୍ ୫ ପଏଣ୍ଟ ପାଇ ପଏଣ୍ଟ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି ।

ସେହିଭଳି ଏହି ଲିଗ୍‌ର ପୁରୁଷ ବର୍ଗ ଷଷ୍ଠ ସଂସ୍କରଣରେ ଗତକାଲି ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ କଳିଙ୍ଗ ଲାନ୍‌ସର୍ସ୍ ୫-୧ ଗୋଲ୍‌ରେ ଦିଲ୍ଲୀ ଏସ୍.ଜି. ପାଇପର୍ସ୍‌କୁ ପରାସ୍ତ କରିଛି । ଏହି ବିଜୟ ସହ କଳିଙ୍ଗ ଲାନ୍‌ସର୍ସ୍ ୩ ପଏଣ୍ଟ ପାଇ ମୋଟ୍ ୧୦ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି ।

ଆଜି ଦିଲ୍ଲୀ ଏସ୍.ଜି. ପାଇପର୍ସ୍ ଓ ସୁରମା ହକି କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।